23

3.3.18

# D.A.V. PUBLIC SCHOOLS, BHUBANESWAR

## ASSESMENT – II , 2017-18

## CLASS – V

## SUBJECT – LOWER ODIA

*[Time allowed: 2 hours]* *[Maximum Marks: 50]*

**ସାଧାରଣ ନିର୍ଦ୍ଦେଶାବଳୀ –**

୧. ପ୍ରଶ୍ନପତ୍ରଟି ଠିକ୍ ଭାବରେ ପଢ଼ ।
୨. ଉତ୍ତରଗୁଡ଼ିକୁ ସୁନ୍ଦର ଅକ୍ଷରରେ ଓ ପରିଷ୍କାର କରି ଲେଖ ।
୩. ଗୋଟିଏ ପ୍ରଶ୍ନର ଉତ୍ତର ଲେଖି ସାରିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟ ଏକ ପ୍ରଶ୍ନର ଉତ୍ତର ଲେଖ ।
୪. ପ୍ରଶ୍ନପତ୍ରରେ ଚାରୋଟି ବିଭାଗ ଓ ୧୨ଟି ପ୍ରଶ୍ନ ଅଛି ।

## 'କ' ବିଭାଗ

୧. ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ଦିନେ କେତେଗୁଡ଼ିଏ ଛେଳି ବଣରେ ଚରୁଥିଲେ । ସେଥିମଧ୍ୟରୁ ଗୋଟିଏ ଛେଳି ଲଟାପତ୍ର ଖାଇଖାଇ ସାଙ୍ଗମାନଙ୍କଠାରୁ ଟିକିଏ ଦୂରେଇ ଗଲା । ସନ୍ଧ୍ୟା ହୋଇଯିବାରୁ ଆଉ ଫେରିବାକୁ ବାଟ ପାଇଲା ନାହିଁ । ଗୋଟିଏ ଗୁମ୍ଫା ଦେଖି ସେଥିରେ ରହି ରାତିଟା କଟେଇ ଦେବ ବୋଲି ଭାବିଲା । ଏହି ସମୟରେ ବାଘଟିଏ ଆସି ଗୁମ୍ଫା ପାଖରେ ପହଞ୍ଚିଲା । ତା' ଘର ଭିତରେ କିଏ ଗୋଟାଏ ପଶିଥିବାର ଦେଖି ସେ ପଚାରିଲା, ମୋ ଘର ଭିତରେ ତୁ କିଏ ରେ ? ବାଘକୁ ଦେଖି ଛେଳିର ହଲକ ଶୁଖିଗଲା । ସେ ଗୋଟିଏ ବୁଦ୍ଧି ପାଞ୍ଚିଲା । ସାହସ ବାନ୍ଧି ପଛ ଦୁଇଗୋଡ଼ରେ ଠିଆ ହୋଇ କହିଲା, "ମୁଁ ଫାଗ । ମୁଁ କେବଳ ବାଘକୁ ମାରି ଖାଏ । ଦୁଇ ଦିନ ହେଲା ଗୋଟିଏ ହେଲେ ବାଘ ଜୁଟିନଥିଲା । ଯା ହେଉ ଆଜି ତୋତେ ଖାଇ ମୋ କ୍ଷୁଧା ମେଣ୍ଟାଇବି ।" ଏ କଥା ଶୁଣି ବାଘ ଡିଆଁ ମାରି ବଣ ଭିତରକୁ ଛୁ । ନିଜ ବୁଦ୍ଧି ବଳରେ ଛେଳିଟି ବାଘ ମୁହଁରୁ ରକ୍ଷା ପାଇ ସକାଳୁ ନିଜ ଘରକୁ ଫେରିଲା ।

[୧ X ୩ = ୩]

**ପ୍ରଶ୍ନ –**

କ) ଛେଳିଟି ଫେରିବାକୁ କାହିଁକି ବାଟ ପାଇଲା ନାହିଁ ?

ଖ) ଗୁମ୍ଫା ଘରଟି କାହାର ଥିଲା ?

ଗ) ଛେଳିଟି ବୁଦ୍ଧି ଖଟେଇ ବାଘକୁ କ'ଣ କହିବାରୁ ବାଘ ଡରରେ ବଣ ଭିତରକୁ ପଳାଇଲା ?

ଘ) **ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।** [୧ X ୨ = ୨]

i) ଛେଳିମାନେ ବଣରେ __________ । (ବୁଲୁଥିଲେ, ଡେଉଁଥିଲେ, ଚରୁଥିଲେ)

ii) ବାଘକୁ ଦେଖି ଛେଳିର ______ ଶୁଖିଗଲା । (ଜିଭ, ହଲକ, ଅଣ୍ଟା)

## 'ଖ' ବିଭାଗ

୨. ଅନୁଚ୍ଛେଦ ଲେଖ । [୫]

"ଆମ ବିଦ୍ୟାଳୟ"

## 'ଗ' ବିଭାଗ

୩. ଅକ୍ଷରରେ ଲେଖ । [୧ X ୪ = ୪]

୪୯ – (ଅଠଚାଳିଶ, ଅଣଚାଳିଶ, ଅଣଚାଶ, ସତଚାଳିଶ)

୩୮ – (ଅଣଚାଶ, ଅଠଚାଳିଶ, ଅଠେଇଶ, ଅଠତିରିଶ)

୪୭ – (ବୟାଳିଶ, ସଇଁତିରିଶ, ଛୟାଳିଶ, ସତଚାଳିଶ)

୩୨ – (ବତିଶ, ଛତିଶ, ତେତିଶ, ଛୟାଳିଶ)

୪. ସଂଖ୍ୟାରେ ଲେଖ । [୧ X ୪ = ୪]

ପଚାଶ, ଏକତିରିଶ, ତେୟାଳିଶ, ଚଉତିରିଶ

୫. ଦିଆଯାଇଥିବା ଯୁକ୍ତାକ୍ଷରରେ ୨ଟି ଲେଖାଏଁ ଶବ୍ଦ ଲେଖ । [୦.୫ X ୮ = ୪]

ଙ୍ଗ – ____________, ____________ ଚ୍ଛ – ____________, ____________

ସ୍ତ – ____________, ____________ କ୍ତ – ____________, ____________

୬. ସଜାଡ଼ି ଲେଖ । [୧ X ୩ = ୩]

ଉବସ୍ତ, ଡାରକ୍ତ, ବିଦ୍ଧରୁ

## 'ଘ' ବିଭାଗ

୭. ଦିଆଯାଇଥିବା କବିତା ମଧ୍ୟରୁ ଯେ କୌଣସି ଗୋଟିଏ କବିତାର ପ୍ରଥମ ଆଠ ଧାଡ଼ି ଲେଖ ।

[୦.୫ X ୮ = ୪]

ଏକତାର ବଳ

କିମ୍ବା

ମାଆ ପରି ମୋର କିଏ ସେ ହେବ

୮. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଶୂନ୍ୟସ୍ଥାନ ପୂରଣ କର । [୧ X ୪ = ୪]

(କ) ଆମ ଜାତୀୟ ପତାକାରେ ____________ ଟି ଅର ଅଛି । (୨୦, ୨୨, ୨୪, ୨୬)

(ଖ) ଗାନ୍ଧି ଜୟନ୍ତୀ ____________ ମାସ ୨ ତାରିଖରେ ପାଳନ କରାଯାଏ ।

(ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର, ଡିସେମ୍ବର)

(ଗ) ଉତ୍ପଳ __________ ବିଶ୍ୱବିଦ୍ୟାଳୟରେ ପଢୁଥିଲା ।

(ସମ୍ବଲପୁର, ରମାଦେବୀ, ଉତ୍କଳ, ଶାନ୍ତିନିକେତନ)

(ଘ) ସୂର୍ଯ୍ୟ __________ ଦିଗରେ ଅସ୍ତ ହୁଅନ୍ତି । (ପୂର୍ବ, ଉତ୍ତର, ପଶ୍ଚିମ, ଦକ୍ଷିଣ)

**୯. ବାକ୍ୟଗଠନ କର । (୨ଟିର )** [୧ X ୨ = ୨]

ନର୍ଦ୍ଦମା, ବୁଦ୍ଧିମତୀ , ଉଦ୍ଭିଦ

**୧୦. ଦିଆଯାଇଥିବା ଗଦ୍ୟାଂଶକୁ ପଢ଼ି ଉତ୍ତର ଲେଖ ।** [୧ X ୪ = ୪]

ଇଂରେଜମାନେ ଦୁଇଶହ ବର୍ଷ ଧରି ଆମକୁ ଶାସନ କରୁଥିଲେ । ଜାତିର ପିତା ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ ଦେଶ ସ୍ୱାଧୀନ ହେଲା । ଆମ ଜାତୀୟ ପତାକାରେ ତିନୋଟି ରଙ୍ଗ ଅଛି । କେଶର ରଙ୍ଗ ସାହସର ପ୍ରତୀକ । ଧଳା ରଙ୍ଗ ଶାନ୍ତିର ପ୍ରତୀକ । ସବୁଜ ରଙ୍ଗ ମୈତ୍ରୀର ପ୍ରତୀକ । ମଝିରେ ଥିବା ଅଶୋକ ଚକ୍ର ନୀଳ ରଙ୍ଗ ଅଟେ । ଏହା ପ୍ରଗତିର ସୂଚକ ଅଟେ । ଆଜିର ଶିଶୁ କାଲିର ନାଗରିକ । ଦେଶର ଉନ୍ନତି ପାଇଁ ସମସ୍ତେ କାର୍ଯ୍ୟ କରିବା ଆବଶ୍ୟକ ।

(କ) ଦେଶର ଉନ୍ନତି ପାଇଁ କିଏ କାର୍ଯ୍ୟ କରିବା ଆବଶ୍ୟକ ?

(ଖ) କାହା ନେତୃତ୍ୱରେ ଦେଶ ସ୍ୱାଧୀନ ହୋଇଥିଲା ?

(ଗ) ପତାକା ମଝିରେ ଥିବା ଚକ୍ର କି ରଙ୍ଗ ଅଟେ ?

(ଘ) ପତାକାରେ ଥିବା ସବୁଜ ରଙ୍ଗ କାହାର ପ୍ରତୀକ ?

**୧୧. ଯେ କୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ ।** [୨ X ୪ = ୮]

(କ) ରଥଯାତ୍ରାରେ କେଉଁ କେଉଁ ଠାକୁର ରଥରେ ଯାତ୍ରା କରନ୍ତି ?

(ଖ) ପଡ଼ିଆ ଜମିକୁ କିପରି ଉର୍ବର କରାଯାଏ ?

(ଗ) ଆମେ ମୁଖ୍ୟତଃ କେତୋଟି ଋତୁ ଅନୁଭବ କରୁ ଓ କ'ଣ କ'ଣ ?

(ଘ) କେଉଁ ତିଥିରେ ବାଘମାମୁଁର ବାହାଘର ହୋଇଥିଲା ?

(ଙ) ମାଟି କାରିଗର କେଉଁସବୁ ଜିନିଷ ମାଟିରେ ତିଆରି କରନ୍ତି ?

(ଚ) ତୁମ ଆଖିରେ ଲୁହ ଜକେଇ ଆସିଲେ ମାଆ କ'ଣ କରନ୍ତି ?

**୧୨. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ ।** [୩]

"ଆମ ଗାଆଁ" ବିଷୟରୁ ତୁମେ କି ଶିକ୍ଷା ଲାଭ କରୁଛ ଲେଖ ।

**କିମ୍ବା**

"ଆମେ ପର୍ବପର୍ବାଣି କାହିଁକି ପାଳନ କରୁ ?" ଏ ବିଷୟରୁ ତୁମେ କି ଶିକ୍ଷା ପାଉଛ ଲେଖ ।

*********